# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 October – 2026

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନପତ୍ର ପ୍ରତ୍ୟାହାର ଶେଷ
- 'ଅଙ୍ଗେ ନିଭାଇଥିବା ଅନୁଭୂତିକୁ ଶୁଣିବା: ପ୍ରକୃତ ସ୍ୱର ଓ ପରିବର୍ତ୍ତନ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ
- ମହାମାୟାଙ୍କ ଆଗମନ ଓ ପବିତ୍ର ମହାଳୟା ଅବସରରେ ଆଜି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଉଛି ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ

– ଧବଳମୁଖୀ ବେଶରେ ଦର୍ଶନ ଦେଉଛନ୍ତି ମା' ସମଲେଶ୍ୱରୀ

ଏବଂ

- ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଆସନ୍ତା ମଙ୍ଗଳବାର ସୁଦ୍ଧା ଲଘୁଚାପ ସୃଷ୍ଟି ସମ୍ଭାବନା

HS

## ସ୍ୱଚ୍ଛତା ଅଭିଯାନ

ସ୍ୱଚ୍ଛତା କେବଳ ଏକ କାର୍ଯ୍ୟ ନୁହେଁ, ଏହା ହେଉଛି ଆମର ନୈତିକ ସଂସ୍କାର। ସୁସ୍ଥ ରହିବା ପାଇଁ ପରିବେଶକୁ ସ୍ୱଚ୍ଛ ରଖିବାକୁ ପଡ଼ିବ। ଏହାକୁ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା ସହ ଦୈନନ୍ଦୀନ ଅଭ୍ୟାସରେ ପରିଣତ କରିବା ପାଇଁ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଜିଲ୍ଲାରେ ଆଜି ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ମେଗା ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଯୁବସାଥୀ, ବୁଦ୍ଧିଜୀବୀ ଓ ଜନପ୍ରତିନିଧିମାନେ ଅଂଶଗ୍ରହଣ କରି ଜିଲ୍ଲାକୁ ସଫେଇ କରିବା ସହ ଅନ୍ୟମାନଙ୍କୁ ସଫେଇ କାର୍ଯ୍ୟ କରିବା ପାଇଁ ସଚେତନ କରିଥିଲେ। ବିକଶିତ ଓଡ଼ିଶା ଓ ବିକଶି ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତେ ନିଜ ପରିବେଶକୁ ଆବର୍ଜନାମୁକ୍ତ ରଖିବା, ଏକକ ବ୍ୟବହୃତ ପ୍ଲାଷ୍ଟିକର ବର୍ଜନ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ୫୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ୧ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ।

BHK/Subarnpur/Puri/Desk

## ମହାଳୟା

ମହାଳୟା ଅବସରରେ ଆଜି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରାଯାଉଛି । ଆଶ୍ୱିନ ପ୍ରତିପଦାଠାରୁ ଆରମ୍ଭ ହୋଇଥିବା ପିତୃପକ୍ଷ ଆଜି ଶେଷ ହେଉଛି । ପିଣ୍ଡଦାନ ପାଇଁ ପୁରୀ ଶ୍ରୀକ୍ଷେତ୍ରରେ ଆଜି ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ପିତୃପୁରୁଷଙ୍କ ମୋକ୍ଷପ୍ରାପ୍ତି ଏବଂ ନିଜ ପରିବାର କଲ୍ୟାଣ ଉଦ୍ଦେଶ୍ୟରେ ଏହି ପିଣ୍ଡଦାନ ବିଧି ପରମ୍ପରା ବହୁ ପ୍ରାଚୀନ ।

ପବିତ୍ର ମହାଳୟା ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭେଚ୍ଛା ଜଣାଇଛନ୍ତି।

ଭଦ୍ରକ ଜିଲ୍ଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ ଥିବା ଦେବୀ ଜୟଦୁର୍ଗା ଆଜି ମହାକାଳୀ ବେଶରେ ଶ୍ରଦ୍ଧାଳୁ  ଦର୍ଶନ ଦେଉଛନ୍ତି। ବାବା ମଣିଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇଛି।

ମହାଳୟ ତିଥିରେ ସୁବର୍ଣ୍ଣପୁରର ତ୍ରିବେଣୀ ସଙ୍ଗମ ସ୍ୱର୍ଣ୍ଣପ୍ରୟାଗଘାଟ ଓ ବିନୀକା ମହାନଦୀ ପାପକ୍ଷୟଘାଟରେ ପିତୃପୁରୁଷଙ୍କୁ ପିଣ୍ଡଦାନ ପୂର୍ବକ ଶ୍ରଦ୍ଧାଳୁ ଗୟାଶ୍ରାଦ୍ଧ ଦେଇଛନ୍ତି।

Desk

## ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀ ଆଜି ପବିତ୍ର ମହାଳୟା ଅବସରରେ ଧବଳମୁଖୀ ବେଶରେ ଦର୍ଶନ ଦେଉଛନ୍ତି । ବର୍ଷସାରା ମା’ ସମଲେଶ୍ୱରୀ ସିନ୍ଦୂରବର୍ଣ୍ଣା ରୂପେ ଦର୍ଶନ ଦେଉଥିବାବେଳେ ମହାଳୟା ଅବସରରେ ଧବଳମୁଖୀ ବେଶରେ ଦର୍ଶନ ଦେଇଥାନ୍ତି । ବର୍ଷକରେ ମାତ୍ର ଗୋଟିଏ ଦିନ ମାଆଙ୍କର ଏହି ବେଶ ହେଉଥିବାରୁ ମନ୍ଦିର ପରିସରରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ଲାଗି ରହିଛି ।

Sambalpur

## ସେବା ସଂକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। ‘ଜନସେବାରୁ ଦେଶସେବା’ ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। ‘ସେବା ଓ ସୁଶାସନ’ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ସେବାସଂକଳ୍ପର ଆଜିର ଧାରାବାହିକରେ ଶୁଣନ୍ତୁ **“ମିଶନ ଲାଇଫ”** ସମ୍ପର୍କରେ...

ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ପ୍ରତ୍ୟେକ ମଣିଷର ଦୈନନ୍ଦୀନ ଜୀବନଶୈଳୀ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ

କରିଥାଏ। ପରିବେଶ ସୁରକ୍ଷା ପାଇଁ ସଚେତନ ହେବା ଓ ପରିବେଶ ଅନୁକୂଳ ବ୍ୟବହାରକୁ ଲୋକଙ୍କ ଜୀବନର ଅଂଶଭାବେ ସଚେତନ କରିବା ମଶନ ଲାଇଫର ମୁଖ୍ୟ ଉଦ୍ଦେଶ୍ୟ। ମିଶନ ଅଧୀନରେ ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏ ସମ୍ପର୍କରେ ସମ୍ବଲପୁର ସମ୍ବାଦଦାତା ଗୁଣମଣି ବିଶ୍ୱାଳ ଅଧିକ ସୂଚନା ଦେଇ କହିଛନ୍ତି...

**- V/O -**

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Balangir

## ଭିବି–ଜିରାମଜି

ବଲାଙ୍ଗୀର ଜିଲ୍ଲାର ଲୋଇସିଂହା ନିର୍ବାଚନମଣ୍ଡଳୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପରିଦର୍ଶନ କରିଛନ୍ତି। ଅଇଁଲାସାରିଠାରୁ ନୂଆମୁଣ୍ଡାନାଳ ପର୍ଯ୍ୟନ୍ତ ଚାଲିଥିବା ଭିବି–ଜି.ରାମ.ଜି. ଯୋଜନାର ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। କାର୍ଯ୍ୟରତ ଶ୍ରମିକଙ୍କ ପାରିଶ୍ରମିକ ବାବଦରେ ପଚାରି ବୁଝିବା ସହ ଅନ୍ୟାନ୍ୟ ସମସ୍ୟା ଦିଗରେ ଆଲୋଚନା କରିଛନ୍ତି। ଅଇଁଲାସାରି ଛକଠାରେ ନିର୍ମାଣ ହେଉଥିବା ଗୋଦାବରୀଶ ହାଇସ୍କୁଲ ପାଇଁ ଜମି ହସ୍ତାନ୍ତରଣ ପ୍ରକ୍ରିୟାକୁ ତୁରନ୍ତ ସମାପ୍ତ କରି କାର୍ଯ୍ୟ ଆରମ୍ଭ କରି ଉପସ୍ଥିତ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

Malkangiri

## ଏସ୍ଆଇଆର

ମାଲକାନଗିରି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ–ଏସ୍.ଆଇ.ଆର-୨୦୨୬ ଅଧୀନରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ସଠିକ କରିବା ଉଦ୍ଦେଶ୍ୟରେ ବ୍ୟାପକ କାର୍ଯ୍ୟଗ୍ରହଣ ହାତକୁ ନିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ଗଣନା ସମୟରେ ୪୭ ହଜାର ୩୫୫ ଜଣ, ଖସଡ଼ା ପ୍ରକାଶନ ପରେ ୧ ହଜାର ୧୮୯ ଜଣଙ୍କୁ ମିଶାଇ ଜିଲ୍ଲାରେ ସମୁଦାୟ ୪୮ ହଜାର ୫୪୪ ଜଣ ଭୋଟରଙ୍କ ନାମ ବାଦ ଦିଆଯାଇଛି। ଏହି ପ୍ରକ୍ରିୟା ମଧ୍ୟରେ ୯ ହଜାର ୮୫୪ ଜଣ ଭୋଟରଙ୍କ ତଥ୍ୟ ସାମିଲ କରାଯାଇଛି।

Bhadrak

## ଦୁର୍ଗାପୂଜା ବୈଠକ

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଗାମୀ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶାନ୍ତିଶୃଙ୍ଖଳା ସହ ପୂଜା ଆୟୋଜନ ପାଇଁ ନାନାଦି କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି। ଆଇନଶୃଙ୍ଖଳା, ଟ୍ରାଫିକ, ନିୟନ୍ତ୍ରଣ, ପରିମଳ ଓ ସ୍ୱଚ୍ଛତା ବ୍ୟବସ୍ଥା, ସିସିଟିଭି ନିରୀକ୍ଷଣ, ବିଦ୍ୟୁତ ଯୋଗାଣ, ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟସେବା ପ୍ରଦାନ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

Nabarngpur

# ଆଦର୍ଶ ଯୁବ ଗ୍ରାମସଭା

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ଖାତିଗୁଡ଼ା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଆଦର୍ଶ ଯୁବ ଗ୍ରାମସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପିତବାସ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ବିଦ୍ୟୁତ ପରିଚାଳନା, ନିଶାମୁକ୍ତ ସମାଜ ଗଠନ ଆଦି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି।

Desk

# ଛାତ୍ର ସଂସଦ ନିର୍ବାଚନ-ନିରୀକ୍ଷଣ

ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି ଅନିଚ୍ଛୁକ ଛାତ୍ରଛାତ୍ରୀ ନାମାଙ୍କନପତ୍ର ପ୍ରତ୍ୟାହାର କରିବେ। ସକାଳ ୧୦ଟାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ସମୟସୀମା ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହୋଇଛି।

ରାଜ୍ୟର ମୋଟ୍ ୩୪୮ଟି ମହାବିଦ୍ୟାଳୟରେ ସମୁଦାୟ ୮ ହଜାର ୩୨୫ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୧ ହଜାର ୧୫୬ଟି ନାମାଙ୍କନପତ୍ର ନାକଚ ହୋଇଛି । ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରୁ ମିଳିଥିବା ତଥ୍ୟ ଅନୁସାରେ, ୧ ହଜାର ୬୫୩ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।

ଅନ୍ୟପକ୍ଷରେ ୧୩ଟି ବିଶ୍ୱବିଦ୍ୟାଳୟରେ ମୋଟ୍ ୩୬୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୪୧ଟି ନାମାଙ୍କନପତ୍ର ନାକଚ ହୋଇଥିବା ସୂଚନା ଆମର ହସ୍ତଗତ ହୋଇଛି । ଆସନ୍ତା ୧୫ ତାରିଖ ଦିନ ଭୋଟ୍ ଗ୍ରହଣ କରାଯିବା ସହ ଫଳାଫଳ ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

Desk

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଜୀବନରେ ମାନସିକ ସ୍ୱାସ୍ଥ୍ୟର ମହତ୍ୱ ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ହେଉଛି **'ଅଙ୍ଗେ ନିଭେଇଥିବା ଅନୁଭୂତିକୁ ଶୁଣିବା: ପ୍ରକୃତ ସ୍ୱର, ପ୍ରକୃତ ପରିବର୍ତ୍ତନ'।**

ଶୁଣନ୍ତୁ ଏ ସମ୍ପର୍କରେ ଏକ ଉପସ୍ଥାପନା..

ମନ ଭଲ ଥିଲେ ଜୀବନ ସୁନ୍ଦର ଲାଗେ। କିନ୍ତୁ ମନ ଭିତରେ ଯେତେବେଳେ ଚିନ୍ତା, ଚାପ ଓ ଅବସାଦର ଝଡ଼ ବହେ, ସେତେବେଳେ ସବୁଥାଇ ମଧ୍ୟ ନିସହାୟ ଅନୁଭବ ହୋଇଥାଏ। ମନର ଯନ୍ତ୍ରଣା ସବୁବେଳେ ଆଖିକୁ ଦେଖାଯାଇନଥାଏ। ହେଲେ ତାର ପ୍ରଭାବ ଜୀବନକୁ ଗଭୀରଭାବେ ପ୍ରଭାବିତ କରିଥାଏ। ମାନସିକ ସ୍ୱାସ୍ଥ୍ୟ କେବଳ ରୋଗର ଅନୁପସ୍ଥିତ

ନୁହେଁ, ଏହା ସୁସ୍ଥ, ସନ୍ତୁଳିତ ଏବଂ ଆନନ୍ଦମୟ ଜୀବନର ଆଧାର। ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି, ମନର କଥା ଖୋଲାଖୋଲି କହିବା ଏବଂ ଆବଶ୍ୟକୀୟ ସମୟରେ ସହାୟତା ନେବାର ବାର୍ତ୍ତା ନେଇ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଏ।

୧୯୯୨ ମସିହାରୁ ଆରମ୍ଭ ହୋଇଥିବା ଏହି ଦିବସ ପରିପ୍ରେକ୍ଷୀରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟା, ଏହାର ନିରାକରଣ ଏବଂ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ପାଇଁ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ମାନସିକ ଓ ସ୍ନାୟବିକ ରୋଗ, ନିଶା ନିବାରଣ ଏବଂ ଆତ୍ମହତ୍ୟା ପ୍ରବଣତା ଆଦି ସମସ୍ୟାର ଉପଚାର ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜରେ ନିଃଶୁଳ୍କ ଚିକିତ୍ସା ଉପଲବ୍ଧ ହେଉଛି। ଏ ନେଇ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଭାଗ୍ୟଶ୍ରୀ ପ୍ରଧାନ ଆକାଶବାଣୀକୁ କହିଛନ୍ତି...

**- V/O -**

ପିଡ଼ିତ ରୋଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଆୟୁଷ୍ମାନ ଭାରତ ଆରୋଗ୍ୟ ମନ୍ଦିରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଏ.ଏନ୍.ଏମ୍. ଓ ଆଶାଦିଦିଙ୍କ ସହଯୋଗରେ ଆୟୋଜିତ ମାନସିକ ସ୍ୱାସ୍ଥ୍ୟ

ଶିବିରରେ ଚିକିତ୍ସା କରାଇବାକୁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଉଛି। ଏଥିସହିତ ନିଶୁଳ୍କ ଟେଲିମାନସ୍ ନମ୍ବର ୧୪୪୧୬ରେ କଲ୍ କରି ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ମଧ୍ୟ ପାଇପାରିବେ। ଆସନ୍ତୁ ଆଜିର ଦିନରେ ନିଜର ମନର ଯତ୍ନନେବା ସହ ଅନ୍ୟର ମନକୁ ବୁଝିବା। ଧୈର୍ଯ୍ୟର କଥା ଶୁଣିବା ଏବଂ ସମ୍ବେଦନଶୀଳ ସମାଜ ଗଢ଼ିବା ପାଇଁ ସଂକଳ୍ପବଦ୍ଧ ହେବା।

ଆକାଶବାଣୀ କଟକ କେନ୍ଦ୍ର ପାଇଁ ମୁଁ ସ୍ମୃତିରେଖା ତାରେଣିଆ

Desk

# ପାଣିପାଗ

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଆସନ୍ତା ମଙ୍ଗଳବାର ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଥାଇଲାଣ୍ଡ ଉପସାଗର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହା ଆସନ୍ତାକାଲି ସୁଦ୍ଧା ଆଣ୍ଡାମାନ ସାଗର ମଧ୍ୟକୁ ପ୍ରବେଶ କରିବ। ଏହାର ପ୍ରଭାବରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।